ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଗୁଡାରୀ
OFFICE OF THE NOTIFIED AREA COUNCIL, GUDARI
AT/PO/PS - GUDARI, DISTRICT - RAYAGADA, PIN-765026
Email id: - gudarin.hud@nic.in

## ବିଜ୍ଞପ୍ତି

ଭାରତ ସରକାର, ରାଜ୍ୟ ସରକାର ତଥା ରାଜ୍ୟ ପ୍ରଦୁଷଣ ବୋର୍ଡଙ୍କ ନିର୍ଦ୍ଦେଶକ୍ରମେ ଗୁଡାରୀ ଅଧିସୂଚିତ କ୍ଷେତ୍ର ପରିଷଦ ଅଧୀନରେ ପ୍ଲାଷ୍ଟିକ ଜାତ ଦ୍ରବ୍ୟ ଯଥା ପ୍ଲାଷ୍ଟିକ ଗ୍ଲାସ, ଚାମଚ, ଥାଳି, ପ୍ଲେଟ , କପ , ଛୁରୀ , ପାଇପ, ଟ୍ରେ , ପ୍ଲାଷ୍ଟିକ ଲାଗିଥିବା ମିଠା ଡବା , ପ୍ଲାଷ୍ଟିକ ସିଗାରେଟେ ଡବା , ୨୦୦ ମି.ଲି ରୁ ଛୋଟ ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ କାଠିଲଗା ବେଲୁନ , ପ୍ଲାଷ୍ଟିକ ଆଇସକ୍ରିମ କାଠି, ପ୍ଲାଷ୍ଟିକ ପତାକା, ସାଜସଜା ଥର୍ମୋକୋଲ, ପ୍ଲାଷ୍ଟିକ କାନସଫା କାଠି, ପ୍ଲାଷ୍ଟିକ ଚକୋଲେଟ କାଠି, ପ୍ଲାଷ୍ଟିକ ସୂତା, ପ୍ଲାଷ୍ଟିକ ନିମନ୍ତ୍ର କାର୍ଡ ଓ ୧୦୦ ମାଇକ୍ରୋନରୁ କମ ମୋଟେଇ ବିଶିଷ୍ଟ ପଲିଥିନ, ପିବିସ ବ୍ୟାନର ଇତ୍ୟାଦିର ବ୍ୟବହାର ଆସନ୍ତା ତା. ୦୧/୦୭/ ୨୦୨୨ ରିଖ ଠାରୁ କଡାକଡି ଭାବେ ସମ୍ପୂର୍ଣ ରୂପେ ନିଷିଦ୍ଧ କରାଯାଇଛି । Plastic Waste Management Rule(Amendment) ୨୦୨୨ ଅନୁସାରେ ୧୦୦ ମାଇକ୍ରୋନରୁ କମ ମୋଟେଇ ବିଶିଷ୍ଟ ପଲିଥିନ ଇତ୍ୟାଦି ଉତ୍ପାଦନ କରିବା ତଥା ଆମଦାନୀ କରିବା, ବିକ୍ରୟ କରିବା ବା ବିକ୍ରି କରିବା ଉଦେଶ୍ୟରେ ଗଚ୍ଛିତ ରଖିବା ଏବଂ ଏହାର ବ୍ୟବହାରକୁ ଆଇନ ଅନୁଯାଇ ନିଷିଦ୍ଧ କରାଯାଇଛି । ଆଇନ ଅମାନ୍ୟକାରୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ ଦୃଢ କାର୍ଯ୍ୟାନୁଷ୍ଠାନ ସହିତ ଜୋରିମାନା ଆଦାୟ କରାଯିବ ।

ନିର୍ବାହୀ ଅଧିକାରୀ
ଗୁଡାରୀ ଅଧିସୂଚିତ କ୍ଷେତ୍ର ପରିଷଦ

ପରିପତ୍ର ସଂଖ୍ୟା ୧୨୮୧ ତା ୨୦.୦୭.୨୦୨୨

ଏହାର ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ତଥା ସମସ୍ତ ୱାର୍ଡ କାର୍ଯ୍ୟାଳୟ ବୋର୍ଡ ରେ ପ୍ରକାଶନ ନିମନ୍ତେ ପଠାଗଲା ।

ଏହାର ନକଲ ସଭାପତି, ଗୁଡାରୀ ବଣିକ ସଂଘଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଗଲା ।

ନିର୍ବାହୀ ଅଧିକାରୀ
ଗୁଡାରୀ ଅଧିସୂଚିତ କ୍ଷେତ୍ର ପରିଷଦ